# ପୋଲିସ ପରମ୍ପରା

୧) ଓଡିଶା ପୋଲିସ ତାର ସୃଷ୍ଟିର ଆରମ୍ଭରୁ କେବଳ ଗୋଟିଏ ସେବକ ସଂସ୍ଥା ରୂପରେ ମଧ୍ୟ କାର୍ଯ୍ୟ କରିଆସୁଅଛି । ବଳ ପ୍ରୟୋଗ କରି କାର୍ଯ୍ୟ ହାସଲ କରିବା ସେବାନୁହେଁ, ସର୍ବଜନ ସମ୍ମତି କ୍ରମେ କର୍ତ୍ତବ୍ୟ ସଂପାଦନ ହିଁ ସେବା । ଆବାଳ ବୃଦ୍ଧ ବନିତା ସମସ୍ତଙ୍କର ସହାୟକ ହେବା ପାଇଁ ନିର୍ଦ୍ଦେଶ ଦେଉଥିବା ପୋଲିସ ମାନୁଏଲ ୫ ଧାରା ୩୬୭ତମ ପରିଶିଷ୍ଟ ପଢିଲେ ତାହା ସହଜରେ ହୃଦୟଙ୍ଗମ କରିହୁଏ । ବନ୍ୟା ମରୁଡି ତଥା ଦୈବି ଦୂର୍ବିପାକ ପ୍ରବୃତି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ପୋଲିସର ସେବା କାର୍ଯ୍ୟ ଏହି ଆଦର୍ଶକୁ ଅଧିକ ପରିସ୍ଫୁଟ କରେ । ବିଗତ କେତେ ବର୍ଷ ମଧ୍ୟରେ ଆଇନ ବିରୁଦ୍ଧ କାର୍ଯ୍ୟର ବୃଦ୍ଧିଦୃଷ୍ଟିରୁ ପୋଲିସର ସଂଖ୍ୟା ବୃଦ୍ଧି କରାଯାଇଥିଲେ ମଧ୍ୟ ସାଧାରଣ ଓ ସଶସ୍ତ୍ର ପୋଲିସ ଉଭୟ କେବଳ ଜନସାଧାରଣଙ୍କର ବୃହତ୍ତର ସ୍ୱାର୍ଥରକ୍ଷା ଏବଂ ସେବା ନିମନ୍ତେ ଉଦ୍ଦିଷ୍ଟ । ଓଡିଶା ପୋଲିସର ଏହି ପରପଂରାକୁ ସର୍ବଦା ଚିନ୍ତା ଓ କାର୍ଯ୍ୟରେ ପ୍ରତିପାଦିତ କରିବାକୁ ହେବ ।

୨) କର୍ତ୍ତବ୍ୟ ପାଳନରେ ଆନ୍ତରିକତା ଓ ଉପରିସ୍ଥ କର୍ମଚାରୀଙ୍କ ପ୍ରତି ଆନୁଗତ୍ୟ ଓଡିଶା ପୋଲିସର ଅନ୍ୟତମ ଗୁଣ । ପରିସ୍ଥିତିକୁ ଚାହିଁ କାର୍ଯ୍ୟ କରିପାରିବା ଆଉ ଏକ ଗୁଣ । ଏହି ତିନିଗୋଟି ସଦଗୁଣର ଅଭିବୃଦ୍ଧି ଓ ପ୍ରଦର୍ଶନ ପାଇଁ ପୋଲିସ କର୍ମଚାରୀ ବିଶେଷ ଯତ୍ନବାନ ହେବା ଆବଶ୍ୟକ ।

୩) ପୁରପଲ୍ଲୀ ତଥା ରେଳବାଇ ଅଞ୍ଚଳରେ ଅପରାଧ ନିବାରଣ ତଥା ସନ୍ଧାନରେ ଓଡିଶା ପୋଲିସ ଭାରତର ଅନ୍ୟ ରାଜ୍ୟ ତୁଳନାରେ କ୍ଷୀପ୍ରତର ବୋଲି ଦେଶର ବିଭିନ୍ନ କର୍ମକର୍ତ୍ତା ମାନେ ସ୍ୱୀକାର କରିଛନ୍ତି । ଏହି ସୁନାମକୁ ଆନ୍ତରିକତା ସହ ବଜାୟ ରଖିବା ସମସ୍ତଙ୍କର କର୍ତ୍ତବ୍ୟ ।

୪) ଓଡିଆ ଜାତିର ଧର୍ମ ପରାୟଣତା ଓଡିଶା ପୋଲିସ କର୍ମଚାରୀ ଉପରେ ପର୍ଯ୍ୟାପ୍ତ ଭାବରେ ପ୍ରତିଫଳିତ ନିର୍ଦ୍ଦୟ ବ୍ୟବହାର, ବିମୂଖତା ଏବଂ ଅପରାଧିମାନଙ୍କ ଉପରେ ଅତ୍ୟାଚାର ତଥା ବଳ ପ୍ରୟୋଗରୁ ନିବୃତ ରହିବା ଓଡିଶା ପୋଲିସର ଏକ ବିଶେଷ ଗୁଣ । ଏହି ସମସ୍ତ ଆମର ସର୍ବଦା ମନେ ରହିବା ଉଚିତ ।

୫) ଉଚ୍ଚକୋଟୀର ତାଲିମ ଏବଂ ଶୃଙ୍ଖଳା ରକ୍ଷା ଉପରେ ବାରମ୍ବାର ଗୁରୁତ୍ୱ ଆରୋପ କରାଯାଇଛି । ମାତ୍ର ଐତିହାସିକ କାରଣରୁ ଏପ୍ରକାର ତାଲିମର ସଫଳତା ଅପେକ୍ଷାକୃତ ବାଧାପ୍ରାପ୍ତ ହୋଇଛି । ବ୍ୟକ୍ତିଗତ ପ୍ରଚେଷ୍ଟା ଦ୍ୱାରା ଏହି ତୃଟି ଦୂର କରିବାକୁ ହେବ ।

୬) କର୍ମଚାରୀ ମାନଙ୍କର ହିତ ତଥା କ୍ରୀଡା କସରତ ପ୍ରତି ଦୃଷ୍ଟି ଦେବା ଆମର ଚିରାଚରିତ ପ୍ରଥା । ଏହାପ୍ରତି ଆମର ସର୍ବଦା ବିଶେଷ ଦୃଷ୍ଟି ରହିବା ଉଚିତ୍ ।

୭) ଓଡିଶା ପୋଲିସ ବିଭିନ୍ନ ରାଜ୍ୟ, ଶ୍ରେଣୀ, ସମ୍ପ୍ରଦାୟରୁ ବ୍ୟକ୍ତି ବିଶେଷଙ୍କର ଅପୂର୍ବ ସମନ୍ୱୟ ହୋଇଥିବାରୁ ଏହାକୁ ଜାତୀୟ ସଂହତି ଓ ସହନୀୟ ଭାତୃଭାବର ଏକ ପ୍ରତିକ ରୂପେ ପ୍ରତିଷ୍ଠିତ କରିପାରିଛି । ଯାହା କି ଏକ ସଂଗଠିତ ବାହିନୀର ବୈଶିଷ୍ଟ୍ୟ ଓ ପରମ ଲକ୍ଷ୍ୟ ଅଟେ ।

*****

# ପୋଲିସ ଆଚରଣବିଧି

୧) ପୋଲିସ ବାହିନୀ ଭାରତର ସମ୍ବିଧାନ ପ୍ରତି ବିଶ୍ୱସ୍ତ ଓ ଅନୁରୋକ୍ତ ରହିବେ, ଏଥିରେ ଥିବା ନାଗରୀକ ଅଧିକାର ଗୁଡିକର ଆଦର ଓ ସୁରକ୍ଷା କରିବେ ।

୨) ପୋଲିସ ବାହିନୀ ଦେଶର ଆଇନ କାନୁନ ବଳବତ୍ତର କରିବା ନିମନ୍ତେ ଗଠିତ ହୋଇଅଛି ତେଣୁ ବିଧି ମୁତାବକ ତିଆରି ହୋଇଥିବା କୌଣସି ଆଇନର ଭଲମନ୍ଦ କିମ୍ବା ଆବଶ୍ୟକତା ସମ୍ବନ୍ଦରେ ପ୍ରଶ୍ନ ନଉଠାଇ ଦୃଢ଼ ଭାବରେ କାହା ପ୍ରତି ପାତର ଅନ୍ତର ନକରି ନଡରି କିମ୍ବା କାହାକୁ ଅନୁଗ୍ରହ ନଦେଖାଇ କାହା ପ୍ରତି ହିଂସା କିମ୍ବା ପ୍ରତିଶୋଧ ମନଭାବ ନରଖି ଆଇନକୁ ଜାରୀ କରିବା ସେମାନଙ୍କର କର୍ତ୍ତବ୍ୟ ।

୩) ପୋଲିସ ବାହିନୀ ନିଜର କ୍ଷମତା ଓ କାର୍ଯ୍ୟର ସୀମା କେତେଦୂର ତାହା ସର୍ବଦା ଜାଣି ରଖିବା ଉଚିତ । ବିଚାର ବିଭାଗୀୟ କାର୍ଯ୍ୟରେ ସେମାନେ ଅନାଧିକାର ପ୍ରବେଶ କରିବେ ନାହିଁ କିମ୍ବା କରୁଛନ୍ତି ବୋଲି ଯେପରି ଅନ୍ୟମାନଙ୍କ ମନରେ ସେ ଧାରଣା ନଜନ୍ମେ । କୌଣସି ମକଦ୍ଦମାର ଭଲମନ୍ଦ ବିଚାର କରିବା ସେମାନଙ୍କର କାର୍ଯ୍ୟନୁହେଁ । ଆହୁରୀ ମଧ୍ୟ କୌଣସି ନିର୍ଦ୍ଧିଷ୍ଟ ଲୋକ ଉପରେ ଆକ୍ରୋଶ ମନୋଭାବ ରଖିବା କିମ୍ବା ଦୋଷୀକୁ ଦଣ୍ଡ ଦେବା ସେମାନଙ୍କ ପକ୍ଷରେ ଅନୁଚିତ୍ ।

୪) ଆଇନ କାନୁନ ଜାରୀ କରିବା ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସମୟରେ ଲୋକ ମାନଙ୍କୁ ପ୍ରଥମରେ ବୁଝାଇବା, ପରାମର୍ଶ ଦେବା ଓ ଶେଷରେ ଫଳାଫଳ ପ୍ରତି ସାବଧାନ କରାଇଦେବା ପ୍ରବୃତି ଉପାୟ ମାନଙ୍କର ସାହାର୍ଯ୍ୟ ନେବାକୁ ପଡିବ ଏହାଦ୍ୱାରା କାର୍ଯ୍ୟ ସାଧିତ ହୋଇନପାରିଲେ ଏବଂ ବଳ ପ୍ରୟୋଗ ନକଲେ ନଚଳେ ବୋଲି ଜଣାପଡିଲେ ପରିସ୍ଥିତିକୁ ଚାହିଁ ସବୁଠାରୁ କମ ବଳ ପ୍ରୟୋଗ କରିବା ଉଚିତ୍ ।

୫) ଅପରାଧ ଓ ବିଶୃଙ୍ଖଳା ନିରୋଧ ଓ ପୋଲିସ ବାହିନୀର ମୁଖ୍ୟ କର୍ତ୍ତବ୍ୟ । ଅପରାଧ ଓ ବିଶୃଙ୍ଖଳା ନଘଟିଲେ ହିଁ ପୋଲିସର ଦକ୍ଷତା ପ୍ରମାଣିତ ହୁଏ । ଅପରାଧ ଓ ବିଶୃଙ୍ଖଳା ଘଟି ସାରିବା ପରେ ତାହାର ଦମନ ନିମନ୍ତେ ଲାଗିପଡିବା ଦକ୍ଷତାର ପରିଚୟ ଦିଏ ନହିଁ ।

୬) ପୋଲିସ କର୍ମଚାରୀ ନିଜକୁ ଜନସାଧାରଣଙ୍କ ମଧ୍ୟରୁ ଜଣେ ବୋଲି ଭାବିବା ଉଚିତ । କେବଳ ଏତିକି ତଫାତ ଯେ ସାଧାରଣ ନାଗରିକ ଯେଉଁ ସବୁ କର୍ତ୍ତବ୍ୟ ନିଜେ ପାଳନ କରିବା କଥା ସମଗ୍ର ସମାଜର ହିତ ଦୃଷ୍ଟିରୁ ପୋଲିସ ବାହିନୀ ପୁରା ସମୟ ଦେଇ ସେହି କର୍ତ୍ତବ୍ୟ ଗୁଡିକର ଯଥାଯଥ ପାଳନ ନିମନ୍ତେ ଧ୍ୟାନ ଦିଅନ୍ତି ।

୭) ପୋଲିସ ବାହିନୀ ଜାଣି ରଖିବା ଉଚିତ ଯେ ସେମାନେ ଜନସାଧାରଣଙ୍କ ଠାରୁ ଯେଉଁ ପରିମାଣରେ ସହଯୋଗ ପାଇ ପାରିବେ ତାହା ଉପରେ ସେମାନଙ୍କର କାର୍ଯ୍ୟ ଦକ୍ଷତା ନିର୍ଭର କରିବ । ଏହି ସହଯୋଗ ପାଇବାକୁ ହେଲେ ସେମାନଙ୍କର ନିଜର କାର୍ଯ୍ୟ କଳାପ ଚାଲିଚଳନ ଏପରି ହେବା ଦରକାର ଯେପରି ଜନସାଧାରଣ ପସନ୍ଦ କରିବେ ଓ ସେମାନଙ୍କ ମନରେ ପୋଲିସ ପ୍ରତି ସମ୍ମାନ ଓ ବିଶ୍ୱାସ ଜାତ ହେବ । ଯେଉଁ ପରିମାଣରେ ପୋଲିସ ବାହିନୀ ଜନସାଧାରଣଙ୍କ ଶ୍ରଦ୍ଧା ଓ ସହଯୋଗ ହାସଲ କରି ପାରିବେ ସେହି ଅନୁପାତରେ ସେମାନଙ୍କର ନିଜ କର୍ତ୍ତବ୍ୟ ସମ୍ପାଦନରେ ପ୍ରୟୋଗର ଆବଶ୍ୟକତା କମିଯିବ ।

୮) ସମସ୍ତଙ୍କ ପ୍ରତି ପୋଲିସ ସହାନୁଭୂତି ଓ ବିବେଚନା ଦେଖାଇବା ଉଚିତ । ସମସ୍ତଙ୍କର ହିତ ପ୍ରତି ସର୍ବଦା ମନଯୋଗ ଦେଖାଇବା ପୋଲିସର କର୍ତ୍ତବ୍ୟ । କୌଣସି ଲୋକର ଧନ ସମ୍ପଦ କିମ୍ବା ସାମାଜିକ ପ୍ରତିପତ୍ତି କୁ ଦୃଷ୍ଟି ନଦେଇ ପ୍ରତ୍ୟେକ ଲୋକ ପ୍ରତି ସମାନ ବ୍ୟବହାର କରିବା ଓ ପ୍ରତ୍ୟେକଙ୍କୁ ସମାନ ପ୍ରକାର ବନ୍ଧୁତା ସାହାଯ୍ୟ ଓ ସହଯୋଗ ଦେଖାଇବା ପୋଲିସର କର୍ତ୍ତବ୍ୟ ।

୯)ନିଜର ସ୍ୱାର୍ଥକୁ ପଛରେ ପକାଇ କର୍ତ୍ତବ୍ୟ କରିବା ଓ ବିପଦ ତଥା ଉତ୍ତେଜନା ମଧ୍ୟ ଦେଇ ଗତିକରୁଥିବାବେଳେ ଧିରସ୍ଥିର ଓ ପ୍ରଫୁଲ୍ଲ ରହିବା, ଦରକାର ପଡିଲେ ଅନ୍ୟର ଜୀବନ ରକ୍ଷା ନିମନ୍ତେ ନିଜର ଜୀବନ ବଳିଦେବା ପୋଲିସର ମୁଖ୍ୟ କର୍ତ୍ତବ୍ୟ ହେବା ଉଚିତ ।

୧୦) ପୋଲିସ କର୍ମଚାରୀ ମାନେ ସର୍ବଦା  ବିନୟୀ ଓ ଶିଷ୍ଟାଚାରୀ ହେବା ଦରକାର । ସେମାନଙ୍କ ପ୍ରତି ସମସ୍ତଙ୍କର ଆସ୍ଥା ରହିବା ଉଚିତ । ସେମାନେ ଅନାସକ୍ତ ଭାବରେ କାର୍ଯ୍ୟ କରିବା ଦରକାର । ସେମାନଙ୍କ ନିଜର ଆତ୍ମ ସମ୍ମାନ ଓ ସାହସ ରହିବା ଦରକାର । ଲୋକମାନଙ୍କର ସେମାନଙ୍କ ପ୍ରତି ବିଶ୍ୱାସ ଉପୁଯିବା ଦରକାର ।

୧୧) ଅତି ଉଚ୍ଚ କୋଟିର ସାଧୁତା ହିଁ ପୋଲିସ ବାହିନୀର ମୂଳଦୁଆ । ଏହାକୁ ମନେ ରଖି ପୋଲିସ କର୍ମଚାରୀ ମାନେ ନିଜର ବ୍ୟକ୍ତିଗତ ଜୀବନ ସମ୍ପୂର୍ଣ୍ଣ ରୂପେ ନିର୍ମଳ ରଖିବା ଉଚିତ । ଜୀବନର ପ୍ରତ୍ୟେକ କ୍ଷେତ୍ର ଓ ପରିସ୍ଥିତିରେ ଉଭୟ ସରକାରୀ କାର୍ଯ୍ୟ କରୁଥିବା ବେଳେ ଅଥବା ନିଜର ପରିବାର ତଥା ସମାଜ ମଧ୍ୟରେ ଚଳପ୍ରଚଳ ହେଉଥିବା ବେଳେ ସର୍ବଦା ନିଜକୁ ସଞ୍ଚତ ଓ ସତ୍ୟବାଦୀ ରଖିବା ସେମାନଙ୍କର ପରମ କର୍ତ୍ତବ୍ୟ । ତାହାହେଲେ ଯାଇ ସର୍ବସାଧାରଣ ସେମାନଙ୍କୁ ଆଦର୍ଶ ରୂପେ ସମ୍ମାନ ଦେବେ ।

୧୨) ପୋଲିସ କର୍ମଚାରୀ ମାନେ ଜାଣି ରଖିବା ଉଚିତ ଯେ ସେମାନେ ଉଚ୍ଚକୋଟୀର ଶୃଙ୍ଖଳା ରକ୍ଷା କରିପାରିଲେ ଉପରିସ୍ଥ କର୍ମଚାରୀ ମାନଙ୍କର ଆଦେଶ ବିନା ଦ୍ୱିଧାରେ ପାଳନ କଲେ ନିଜର ଚାକିରୀ ଓ ସମଗ୍ର ପୋଲିସ ବାହିନୀ ପ୍ରତି ଅନୁଗତ ରହିଲେ ଓ ନିଜକୁ ତାଲିମ ଦେଇ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହି ପାରିଲେ ଶାସନ ତଥା ଦେଶ ପ୍ରତି ସେମାନଙ୍କର ଉପଯୋଗିତା ବୃଦ୍ଧି ପାଇବ ।

*****

# PRINCIPLES OF POLICE CONDUCT

1. The Police must bear faithful allegiance to the Constitution of India and respect and uphold the rights of the citizens as guaranteed by it.

2. The Police are essentially a law enforcing agency. They should not question the propriety or necessity of any duly enacted law. They should enforce the law firmly and impartially, without fear or favour, malice or vindictiveness.

3. The Police should recognize and respect the limitations of their powers and functions. They should not usurp or even seem to be usurp the functions of the judiciary and sit in judgment on cases. Nor should they avenge individuals and punish the guilty.

4. In securing the observance of law or in maintaining order, the police should use the methods of persuasion, advice and warning. Should these fail, and application of force become inevitable, only the absolute minimum required in the circumstances should be used.

5. The primary duty of the police is to prevent crime and disorder and the police must recognize that the test of their efficiency is the absence of both and not the visible evidence of police action in dealing with them.

6. The police must recognize that they are members of the public, with the only difference that in the interest of the community and on its behalf they are employed to give full time attention to duties which are normally incumbent on every citizen to perform.

7. The police should realize that the efficient performance of their duties will depend on the extent of ready co-operation they receive from the public. This, in turn, will depend on their ability to secure public approval for their conduct and actions and to earn and retain public respect and confidence. The extent to which they succeed in obtaining public co-operation will reduce proportionately the necessity of the use of physical force or compulsion in the discharge of their functions.

8. The police should be sympathetic and considerate to all people and should be constantly mindful of their welfare. They should always be ready to offer individual service and friendship and render necessary assistance to all without regard to their wealth or social standing.

**9.** The police shall always place duty before self, should remain calm and good-humoured whatever be the danger or provocation and should be ready to sacrifice their lives in protecting those of others.

**10.** The police should always be courteous and well-mannered: they should be dependable and unattached; they should possess dignity and courage, and should cultivate character and the trust of the people.

**11.** Integrity of the highest order is the fundamental basis on the prestige of the police. Recognizing this, the police must keep their private lives scrupulously clean, develop self restraint and be truthful and honest in thought and deed, in both personal and official life, so that the public may regard them as exemplary citizens.

**12.** The police should recognize that they can enhance their utility to the administration and the country only by maintaining a high standard of discipline, unstinted obedience to the superiors and loyalty to the force and preparedness.